**ଭାରତୀୟ ମତ୍ସ୍ୟଜୀବୀଙ୍କୁ ହତ୍ୟା କରିବା ନେଇ ଦଣ୍ଡିତ ହୋଇଥିବା ଦୁଇ ଜଣ ଇଟାଲୀୟ ନୌସୈନିକଙ୍କୁ ପ୍ରତ୍ୟାର୍ପଣ କରିବାକୁ ଇଟାଲୀର ବାରଣ ।**

**ବିରୋଧୀ ଦଳର ନେତା, ରାଜ୍ୟ ସଭା ଶ୍ରୀ ଅରୁଣ ଜେଟଲୀ ।**

ମାନନୀୟ ଉପାଧ୍ୟକ୍ଷ ମହୋଦୟ, ମୁଁ ଖୁବ ଦୁଃଖ ଓ ଅନୁଶୋଚନାର ସହ କହିବାକୁ ଚାହୁଁଛି କି, ସମଗ୍ର ଦେଶ ପାଇଁ ଏହା ଏକ ପ୍ରତାରଣା କହିଲେ ଭୂଲ ହେବ ନାହିଁ । ନୀରିହ ଭାରତୀୟ ମତ୍ସ୍ୟଜୀବୀ ମାନଙ୍କୁ ହତ୍ୟା କରିବା ଅଭିଯୋଗରେ ଯେଉଁ ଦୁଇ ଜଣ ଇଟାଲୀୟ ନୌସୈନିକ କେରଳରେ ଦଣ୍ଡ ପାଉଥିଲେ ସେମାନେ ବର୍ତ୍ତମାନ ଆତ୍ମଗୋପନ କରିଛନ୍ତି । ଏହା ଆମ ଦେଶର ସାର୍ବଭୌମତ୍ୱ ଆଳରେ ଏକ ପ୍ରତାରଣା ଅଟେ । ଏହା ଏପରି ପ୍ରକାରର ଆତଙ୍କବାଦ ଯାହା ଗଣତନ୍ତ୍ର ରାଷ୍ଟ୍ରର ଆଇନ କାନୁନକୁ ମାଧ୍ୟମ କରି କରାଯାଇଛି ।

ପ୍ରଥମତଃ ଦୁଇ ଜଣ ଅପରାଧୀ ଯେକି କେରଳର ଜେଲରେ ଦଣ୍ଡିତ ହେଉଥିଲେ, ସେମାନେ ଖ୍ରୀସମାସ ପାଳନ କରିବାକୁ ନିଜ ଦେଶକୁ ଯିବାକୁ ଆବେଦନ କରିଥିଲେ । ଆମ ଦେଶର ସଭ୍ୟ ନ୍ୟାୟିକ ସଂସ୍ଥା ସେମାନଙ୍କୁ ଉକ୍ତ ଅନୁମତି ଦେଇଥିଲା । ଦ୍ୱିତୀୟ ଘଟଣା ହେଉଛି, ସେମାନେ ଭୋଟ ଦାନ ପାଇଁ ନିଜ ଦେଶକୁ ଯିବାକୁ ଆବେଦନ କରିବା । ହେଲେ ଆଇନ ଦୃଷ୍ଟିରୁ ଯେଉଁ ବ୍ୟକ୍ତି ଜେଲରେ ରହି ଦଣ୍ଡ ଭୋଗ କରୁଅଛି ତାହାର ଭୋଟ ଦେବାର ମଧ୍ୟ ଅଧିକାର ନାହିଁ । କିନ୍ତୁ ଇଟାଲୀର କଏଦୀମାନେ ମନେ କରନ୍ତି କି ସେମାନେ ଜେଲରେ ନଥାଇ ଅନ୍ୟ କେଉଁ ସ୍ଥାନରେ ଅଛନ୍ତି । ଇଟାଲୀର ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀଙ୍କ ରିପୋର୍ଟରୁ ଜାଣିବାକୁ ପାଇଛୁ କି ସେଠାକାର ଯେକୌଣସି ବ୍ୟକ୍ତି ବିଦେଶରେ ଥିଲେ ମଧ୍ୟ ଇ-ମେଲ ମାଧ୍ୟମରେ ନିଜ ଭୋଟ ଦାନ କରିବାର ସୁବିଧା ପାଇ ପାରିବ । ହେଲେ ସେଥି ପାଇଁ ମଧ୍ୟ ପୂର୍ବରୁ ସୁପ୍ରିମ କୋର୍ଟରେ ଏକ ନ୍ୟାୟିକ ଆବେଦନ ଦାଖଲ କରିବାକୁ ପଡ଼ିବ । ମାତ୍ର କୌଣସି ଅପରାଧୀକୁ ବିଦେଶକୁ ଯିବା କଥା ଅନ୍ୟ ଦେଶର ନିୟମାନୁଯାୟୀ କେବେ ମଧ୍ୟ ଗ୍ରହଣ କରାଯାଇ ନପାରେ । ସେମାନେ ବିଦେଶକୁ ଯିବାରେ ପ୍ରଥମେ ଇଟାଲୀୟ ଆମ୍ବାସଡ଼ାରଙ୍କ ଦ୍ୱାରା ଆବେଦନ କରାଯାଇ ତାହା ଇଟାଲୀର ପ୍ରଧାନ ମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ହୋଇ ତାହା ପରେ ମାନ୍ୟବର ସୁପ୍ରିମ କୋର୍ଟର ଅନୁମତି ମିଳିବା ପରେ ଯାଇଁ ସମ୍ଭବପର ହୋଇ ପାରିଥିବ । ହେଲେ ଇଟାଲୀର ସରକାର ବର୍ତ୍ତମାନ ପାର୍ଶ୍ୱ ପରିବର୍ତ୍ତନ କରି ପ୍ରକାଶ କରନ୍ତି କି, ତାଙ୍କ ଦେଶର ନ୍ୟାୟିକ

ପଦ୍ଧତି ଅନୁଯାୟୀ ସେମାନେ ଉକ୍ତ ନୌସୈନିକ ମାନଙ୍କୁ ଫେରିଯିବା ପାଇଁ କହି ପାରିବେ ନାହିଁ । ସେମାନେ ଭାରତୀୟ ନିୟମ ଅନୁଯାୟୀ ହିଁ ଫେରାର ହୋଇଛନ୍ତି ।

ଏଭଳି ଏକ ଘଟଣା ଯାହା ୧୯୮୪ ମସିହାରେ ଭାରତରେ ଘଟିଥିଲା । ସେହି ସମୟରେ ଜନତା ଆଇନ ଗତ କାର୍ଯ୍ୟାନୁଷ୍ଠାନ ପାଇଁ ଆମେରିକାରେ ହିଁ ଅଭିଯୋଗ ଦାଖଲ କରୁଥିଲେ ଓ ସେଠାକୁ ଯାଇ ନିଜ ଅନ୍ୟାୟ ପାଇଁ ପ୍ରତିବାଦ କରିଥିଲେ । ହେଲେ ଏପରି ଘଟଣା ଆମ ଦେଶରେ ତୃତୀୟ ଥର ପାଇଁ ଘଟୁଅଛି । ୧୯୮୦ ମସିହାରେ ଏକ ପ୍ରତିରକ୍ଷା ବ୍ୟାପାରରେ ଜନୈକ ବ୍ୟକ୍ତି ମାଲେସିଆ, ଆର୍ଜେଣ୍ଟିନା ଦେଇ ସେଠାକାର ଶରଣାର୍ଥୀ ହୋଇ ଆତ୍ମଗୋପନ କରିଥିଲେ ଓ ଆମ ଦେଶ କେବଳ ନିରୂପାୟ ହୋଇ ଚାହିଁ ରହିଥିଲା ।  ବର୍ତ୍ତମାନ ଭି.ଭି.ଆଇ.ପି ଚପ୍ପର ସ୍କାମରେ ଆମ ଦେଶର କର୍ମଚାରୀ ଇଟାଲୀ ଯାଇ ସେଠାରୁ ଶୂନ୍ୟ ହସ୍ତରେ ଫେରି ଆସିଥିଲେ । କାରଣ ସମସ୍ତ ସାକ୍ଷୀ ଓ ପ୍ରମାଣ ଜଣେ ଇଟାଲୀର ନାଗରିକଙ୍କ ନାଆରେ ଥିବା ସହ ଜଣେ ଭାରତୀୟଙ୍କ ନାମରେ ମଧ୍ୟ ଥିଲା । ଉକ୍ତ ଲାଞ୍ଚ ବ୍ୟାପାରରେ କିଏ ପ୍ରକୃତ ଦୋଷୀ ତାହା ଜାଣିବାକୁ ଆମ ତଦନ୍ତକାରୀ ସଂସ୍ଥା ମଧ୍ୟ ଅସମର୍ଥ । ତେଣୁ ଉପରୋକ୍ତ ତିନୋଟି ଘଟଣାରୁ ପ୍ରକାଶ ପାଏ କି, ଯେତେବେଳେ ରୋମ ସହ କୌଣସି ବ୍ୟାପାର କରାଯାଏ, ସେତେବେଳେ ସମସ୍ତ ପ୍ରକାରର କୂଟନୀତି ହାର ମାନିଯାଏ ।

ମୁଁ ଏଠାରେ ଜାଣିବାକୁ ଚାହୁଁଛି କି,  ଯେଉଁ ଆମ୍ବାସଡ଼ାରଙ୍କୁ ଇଟାଲୀ ସରକାରଙ୍କ ତରଫରୁ ସାର୍ବଭୌମ୍ୟ ଅଧିକାର ପ୍ରଦାନ କରାଯାଇଛି ତାଙ୍କୁ କିପରି ମାନ୍ୟତା ଦେବା ? ନା ତାଙ୍କୁ କୂଟନୈତିକ ସୁବିଧା ସୁଯୋଗ ଯୋଗାଇ ଦେବା ? ଯେଣୁ ପ୍ରଥମରୁ ଭାରତୀୟ ସୁପ୍ରିମ କୋର୍ଟରେ ଅଭିଯୋଗ ଦାଖଲ ହୋଇଅଛି, ତେଣୁ ତାଙ୍କୁ କୂଟନୈତିକ ମାନ୍ୟତା ଦିଆଯାଇ ନପାରେ । ଭିଏନ୍ନା ଚୁକ୍ତି, ୧୯୬୧ ମସିହାର ଏକ ପୂର୍ବ ସାମ୍ବିଧାନିକ ଚୁକ୍ତି ଅଟେ । ଆମ ବୈଧାନିକ ନୀତି ଅନୁଯାୟୀ ଏହାକୁ ଘରୋଇ ନିୟମ ଅନୁଯାୟୀ ପରିବର୍ତ୍ତନ କରାଯାଇ ପାରିବ । ମାତ୍ର ସମ୍ବିଧାନର ଆର୍ଟିକିଲ ୧୨୯ ଅନୁଯାୟୀ କୌଣସି ଘରୋଇ ନିୟମ ସାମ୍ବିଧାନିକ ନୀତି ନିୟମକୁ ଟପି ଯାଇ ନପାରେ ।

ଯେଣୁ ଆମେ ତୃତୀୟ ଥର ପାଇଁ ଏଲଭଳି ପ୍ରତାରଣାର ଶିକାର ହୋଇଅଛୁ ତେଣୁ ଆମେମାନେ ଏଥିରେ କୂଟ ନୀତିକୁ ପୂ ରାଇବା ଅନୁଚିତ । ପ୍ରଥମ ଥର ପାଇଁ ଯେଉଁ ଭୂଲ ହେଲେ ତାହାକୁ ସମ୍ଭବତଃ ଘଟିଗଲା ବୋଲି କୁହାଯାଇ ପାରେ । ଦ୍ୱିତୀୟ ଥର ପାଇଁ ତାହକୁ ଆକସ୍ମିକ ବୋଲି କୁହାଯାଇ ପାରେ । ମାତ୍ର ତୃତୀୟ ଥର ପାଇଁ ତାହାକୁ କେବଳ ଶତ୍ରୁତାର ଭାବନା

ନେଇ କରାଯାଇଛି ବୋଲି କୁହାଯିବ । ଏପରି ଜଣେ ଅଭିଯୁକ୍ତକୁ ଅପହରଣ କରିବା ଘଟଣା ବର୍ତ୍ତମାନ ତୃତୀୟ ଥର ପାଇଁ ଘଟିଗଲା । କୌଣସି ଅଭିଯୁକ୍ତ ବ୍ୟକ୍ତିକୁ ପ୍ରଥମେ ଫେରାର କରାଇ ଭାରତର ନ୍ୟାୟିକ ପରିସର ମଧ୍ୟରୁ ବାହାରକୁ ନେଇ ତାହା ପରେ ଭାରତକୁ ଅଣଦେଖା କରିବାର ସେଇ ଗୋଟିଏ ପ୍ରକାରର ଘଟଣା ବାରମ୍ବାର କରି ଘଟି ଚାଲିଛି । ତେଣୁ ଏଥିପାଇଁ ଭାରତ ସରକାର ହିଁ ପୂରାପୂରି ଦାୟୀ ଓ ତାଙ୍କୁ ଉକ୍ତ ଘଟଣାକୁ ଗୁରୁତ୍ୱ ସହକାରେ ନେବା ଉଚିତ ।